International Journal of Contemporary Research In Multidisciplinary



*Research Article*

# ଭାରତୀୟ ଆର୍ଯ୍ୟଭାଷା ପରମ୍ପରାରେ ସଂସ୍କୃତ ଓ ଓଡ଼ିଆ: ଏକ ଭାଷାତାତ୍ତ୍ୱିକ ଅନୁଶୀଳନ

**ଡଃ. ସୁଚିତ୍ରା ମହାନ୍ତି**

ଅଧ୍ୟାପିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, ଓଡ଼ିଶା, ଭାରତ

**Corresponding Author:** *ଡଃ. ସୁଚିତ୍ରା ମହାନ୍ତି

**DOI:** https://doi.org/10.5281/zenodo.20568009

**ସାରାଂଶ**

ସଂସ୍କୃତ ଭାଷା ହେଉଛି ଭାରତୀୟ ଆର୍ଯ୍ୟ ଭାଷାର ପ୍ରାଚୀନତମ ରୂପ । ଓଡ଼ିଆ ଭାଷାର ମୂଳ ଉତ୍ସ ହେଉଛି ସଂସ୍କୃତ । ଓଡ଼ିଆ ଭାଷାର ଧ୍ୱନିତତ୍ତ୍ୱ, ଶବ୍ଦତତ୍ତ୍ୱ, ରୂପତତ୍ତ୍ୱ ଅର୍ଥତତ୍ତ୍ୱ ମୁଖ୍ୟତଃ ସଂସ୍କୃତ ଭାଷାରୁ ଆହାରଣ କରାଯାଇଛି। ବିଭିନ୍ନ କାରଣରୁ ଦ୍ରାବିଡ଼ ଓ ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାର, ଆର୍ଯ୍ୟ ଓ ଆର୍ଯ୍ୟେତର ବହୁ ବୈଦେଶିକ ଭାଷା ଓଡ଼ିଆ ଭାଷା ଉପରେ ନ୍ୟୂନାଧିକ ପରିମାଣରେ ପ୍ରଭାବ ପକାଇଥିଲେ ମଧ୍ଯ ଓଡ଼ିଆ ଭାଷା ସଂସ୍କୃତ ଭାଷା ନିକଟରେ ଚୀରଋଣୀ । ସଂସ୍କୃତରେ ଅନେକ ସ୍ୱରଧ୍ୱନି ଓଡ଼ିଆ ଭାଷାରେ ଅପରିବର୍ତ୍ତିତ ରହିଛି ଓ କେତେକ ପରିବର୍ତ୍ତିତ ମଧ୍ଯ ହୋଇଯାଇଛି । ଏବଂ କେତେକ ତତ୍ସମ ଶବ୍ଦ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇପାରିଛି । ଯାହାକି ପରିବର୍ତ୍ତିତ ଅର୍ଥ ବହନ କରି ପ୍ରକାଶିତ ହୋଇଛି ।

**Manuscript Information**

- **ISSN No:** 2583-7397
- **Received:** 04-01-2026
- **Accepted:** 26-02-2026
- **Published:** 28-02-2026
- **IJCRM:**5(1); 2026: 954-956
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡଃ. ସୁଚିତ୍ରା ମହାନ୍ତି. ଭାରତୀୟ ଆର୍ଯ୍ୟଭାଷା ପରମ୍ପରାରେ ସଂସ୍କୃତ ଓ ଓଡ଼ିଆ: ଏକ ଭାଷାତାତ୍ତ୍ୱିକ ଅନୁଶୀଳନ. Int J Contemp Res Multidiscip. 2026;5(1):954-956.

**Access this Article Online**

www.multiarticlesjournal.com

**ପ୍ରାସଙ୍ଗିକ ଶବ୍ଦାବଳୀ:** ସଂସ୍କୃତ, ଓଡ଼ିଆ, ଧ୍ୱନିତତ୍ତ୍ୱ, ଶବ୍ଦତତ୍ତ୍ୱ, ଅର୍ଥତତ୍ତ୍ୱ ପ୍ରଭୃତି ।



© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

ପୃଥିବୀର ପ୍ରାଚୀନତମ ତଥା ବଳିଷ୍ଠ ଭାଷା 'ସଂସ୍କୃତ' । ପ୍ରାୟ ୩ ହଜାର ୫୦୦ ବର୍ଷ ପୂର୍ବେ ଏଇ ଭାଷାର ପ୍ରଚଳନ ରହିଛି । ସଂସ୍କୃତ ଭାଷା ହେଉଛି ଶିଷ୍ଟଭାଷା, ଦେବଭାଷା, ଭାରତର ପ୍ରାଚୀନ ଆର୍ଯ୍ୟଭାଷା ବିଶେଷ । ଏହା ମାର୍ଜିତ ଓ ସଂଶୋଧିତ । ଏହା ବିଶାଷ ଭାବରେ ସଂସ୍କୃତ ଭାଷାରୁ ହିଁ ସଂସ୍କୃତିର ପରିକଳ୍ପନ କରାଯାଇଛି । ସଂସ୍କୃତ ଭାଷାର ଇତିହାସ ଅବଲୋକନ କଲେ ଜଣାଯାଏ ଯେ, ସଂସ୍କୃତ ଭାଷା 'ଶତମ୍' ବର୍ଗ ଅନ୍ତଃର୍ଗତ ଏକ ପ୍ରାଚୀନ ଭାଷା । ପାରିବାରିକ ବର୍ଗୀକରଣ ଦୃଷ୍ଟିରୁ ଭାଷାକୁ ଦେଖିଲେ, ଇଣ୍ଡୋୟୁରୋପୀୟ ଭାଷା ପରିବାର ବା ଭାରୋପୀୟ ଆର୍ଯ୍ୟ ଭାଷା ପରିବାର କାଳକ୍ରମେ ଇଣ୍ଡୋଇରାନୀୟ ଆର୍ଯ୍ୟଭାଷାରେ ପରିଣତ ହୋଇଛି । ଆର୍ଯ୍ୟମାନଙ୍କର ଭାଷା ହେଉଛି ସଂସ୍କୃତ । ସଂସ୍କୃତରୁ କାଳକ୍ରମେ ପାଲି, ପ୍ରାକୃତ, ଅପଭ୍ରଂଶ ଓ ଅବହଟଠ ସ୍ତର ଦେଇ ବିଭିନ୍ନ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକ ଉତ୍ପତ୍ତିଲାଭ କରିଅଛି ଏବଂ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ମଧ୍ୟରେ ଅନ୍ୟତମ ବଳିଷ୍ଠ ଭାଷା ହେଉଛି ଓଡ଼ିଆ । ସଂସ୍କୃତ ବା ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାକୁ ୨ ଭାଗରେ ବିଭକ୍ତ କରାଯାଇଛି ।

1. ବୈଦିକ ସଂସ୍କୃତ (ଖ୍ରୀ:ପୂ ୧୫୦୦ ରୁ ଖ୍ରୀ:ପୂ ୮୦୦) ।
2. ଦ୍ୱିତୀୟଟି ଲୌକିକ ସଂସ୍କୃତ (ଖ୍ରୀ:ପୂ ୮୦୦ ରୁ ଖ୍ରୀ:ପୂ ୫୦୦) ମଧ୍ୟରେ ସନ୍ନିବେଷିତ ।

ତେଣୁ ବୈଦିକ ସଂସ୍କୃତ ହେଉଛି ବେଦ, ଉପନିଷଦ, ବ୍ରାହ୍ମଣ, ସଂହିତା ଆଦି ଗ୍ରନ୍ଥଗୁଡ଼ିକର ଭାଷା ଆଦି ଅନ୍ତର୍ଭୁକ୍ତ । ପରବର୍ତ୍ତୀ ସମୟରେ ସାଧାରଣ ଲୋକମାନଙ୍କ ଦ୍ୱାରା କଥିତ ଭାଷା ହେଉଛି ଲୌକିକ ସଂସ୍କୃତ । ଉପନିଷଦୀୟ ଭାଷାର ଠିକ୍ ପରବର୍ତ୍ତୀ ରୂପ ହେଉଛି 'ସଂସ୍କୃତ ଭାଷା', ଯାହାକୁ ଲୌକିକ ସଂସ୍କୃତ ଭାଷା ଭାବରେ ଗ୍ରହଣ କରାଯାଇଥାଏ । ରିକ୍.ବେଦ ରଚନା କାଳରୁ ଉପନିଷଦ ରଚନାକାଳ ମଧ୍ୟରେ ଭାରତୀୟ ଆର୍ଯ୍ୟସମାଜର କଥିତ ଭାଷାରେ ଯେଉଁ ସବୁ କାଳଗତ ଓ ଅଞ୍ଚଳଭିତ୍ତିକ ପରିବର୍ତ୍ତନ ସବୁ ଘଟିଥିଲା, କ୍ରମଶଃ ତାହା ଲିଖିତ ରୂପ ଅର୍ଥାତ୍ ସାହିତ୍ୟ ରଚନା ମଧ୍ୟରେ ପ୍ରତିଫଳିତ ହୋଇଥିଲା। ଶେଷରେ ପ୍ରାୟ ଖ୍ରୀ:ପୂ ୮୦୦ ବେଳକୁ ବୈଦିକ ଭାଷାର କଥିତ ରୂପର ସ୍ପଷ୍ଟ ତଥା ଉଚ୍ଚାରିତ ପରିବର୍ତ୍ତିତ ରୂପକୁ ନେଇ ବିଭିନ୍ନ ପୁରାଣ, କାବ୍ୟ ଓ ନାଟ୍ୟ ଆଦି ସାହିତ୍ୟ ଗ୍ରନ୍ଥ ସବୁ ରଚିତ ହୋଇଥିଲା । ଏ ସବୁର ଭାଷାକୁ ନାମିତ କରାଗଲା ଲୌକିକ ସଂସ୍କୃତ ନାମରେ । ଯାହାର ସମୟସୀମା ନିର୍ଦ୍ଧାରଣ କରାଯାଇଛି ଖ୍ରୀ:ପୂ ୮୦୦ ରୁ ଖ୍ରୀ:ପୂ ୫୦୦ ଶତାବ୍ଦୀ ମଧ୍ୟରେ । ମହର୍ଷି ପାଣିନି (ଖ୍ରୀ:ପୂ ୬୦୦)ଙ୍କ "ଅଷ୍ଟାଧ୍ୟାୟୀ ବ୍ୟାକରଣ" ଗ୍ରନ୍ଥ ମାଧ୍ୟମରେ ଲୌକିକ ସଂସ୍କୃତ ଭାଷାକୁ ଅନେକ ପରିମାଣରେ ବ୍ୟାକରଣଗତ ସୂତ୍ର ଧାରାରେ ବାନ୍ଧି ଦିଆଯାଇଛି । ଏତଦବ୍ୟତୀତ କାଳିଦାସ, ମାଘ, ଶ୍ରୀହର୍ଷ, ଭାରଭୀ ଇତ୍ୟାଦୀଙ୍କର କାବ୍ୟ ନାଟକକୁ ଗ୍ରହଣ ମଧ୍ୟ କରାଯାଇଛି ।

ପରବର୍ତ୍ତୀ ସମୟରେ ଏହି ମହାନ ଭାଷା ସଂସ୍କୃତ ଭାଷାରୁ ବହୁ ଭାରତୀୟ ଆର୍ଯ୍ୟଭାଷାର ଉତ୍ପତ୍ତି ହୋଇଛି। ସମୟ କ୍ରମେ ମୂଳଭାଷା ସଂସ୍କୃତ ଭାଷାରୁ ବହୁ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାର ସୃଷ୍ଟି ହୋଇଛି। ଯଥା- ଓଡ଼ିଆ, ବଙ୍ଗଳା, ଆସାମୀ, ଲହନ୍ଦା, ସିନ୍ଧୀ, ଗୁଜୁରାଟୀ, ହିନ୍ଦୀ ପ୍ରଭୃତି ।

ଭାରତୀୟ ଆର୍ଯ୍ୟ ଭାଷାର ପ୍ରାଚୀନତମ ରୂପ ହେଉଛି 'ସଂସ୍କୃତ' । ଏଥିରୁ କାଳକ୍ରମେ ପାଲି, ପ୍ରାକୃତ ଓ ଅପଭ୍ରଂଶ ସ୍ତର ଦେଇ ବିଭିନ୍ନ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଉତ୍ପତ୍ତି ଲାଭ କରିଛି ।ଏ ଦୃଷ୍ଟିରୁ ବିଚାର କଲେ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ଭାବରେ ଓଡ଼ିଆ ଭାଷାର ମୂଳଉତ୍ସ ହେଉଛି ସଂସ୍କୃତ ଭାଷା, ଯାହାକି ପ୍ରମାଣ ମିଳିଥାଏ । ତା'ର ଧ୍ୱନି, ଶବ୍ଦ, ରୂପ, ତତ୍ତ୍ୱ ଅନ୍ତର୍ଗତ ପରିଶୀଳନରୁ ହିଁ ସୁସ୍ପଷ୍ଟ ।

**ଧ୍ୱନିତତ୍ତ୍ୱ-**

- ସଂସ୍କୃତର ସ୍ୱରଧ୍ୱନି ୧୩ଟି । ଯଥା- ଅ, ଆ, ଇ, ଈ, ଉ, ଊ, ଋ, ୠ, ୢ, ଌ (ଲୃ), ଏ, ଐ, ଓ, ଔ।
- ଓଡ଼ିଆ ଭାଷାରେ ଏଥିମଧ୍ୟରୁ ୠ (ଦୀର୍ଘ ଋ) ଌ (ଲୃ)କୁ ଛାଡ଼ିଦେଲେ କେବଳ ୧୧ଟି ଧ୍ୱନିକୁ ଗ୍ରହଣ କରାଯାଇଛି ।
- ସଂସ୍କୃତରେ ବ୍ୟବହୃତ୨୫ଟି ବର୍ଗ୍ୟବ୍ୟଞ୍ଜନ ('କ' - 'ମ') ପର୍ଯ୍ୟନ୍ତ, ଓଡ଼ିଆ ଭାଷାରେ ମଧ୍ୟ ବ୍ୟବହୃତ। ଏଥିମଧ୍ୟରୁ କେବଳ (ଙ୍) ବର୍ଣ୍ଣଟି ସ୍ୱତନ୍ତ୍ର ଭାବରେ ଅର୍ଥାତ୍ କେତେକ ତତ୍ସମ ଶବ୍ଦ ଲେଖିବା ବେଳେ ଲେଖାଯାଏ । ଯଥା- 'ଆକାଙ୍କ୍ଷା',, 'ବାଙ୍ମୟ' ଇତ୍ୟାଦି । ଏହାର ଉଚ୍ଚାରଣ ଏଥିରେ ଅନୁସ୍ୱାର ପରି ଉଚ୍ଚାରିତ । ସେହିପରି (ଞ) ବର୍ଣ୍ଣଟି ସ୍ୱତନ୍ତ୍ର ଭାବରେ ଆଦୌ ଲେଖାଯାଇ ନ ଥାଏ।
- ସଂସ୍କୃତରେ ଥିବା ୨୫ଟି ବର୍ଗ୍ୟ ବ୍ୟଞ୍ଜନକୁ ଯେପରି ୫ଟି ବର୍ଗ (କ-ଚ-ଟ-ତ-ପ) ପ୍ରତ୍ୟେକ ବର୍ଗ୍ୟରେ ୫ଟି ବ୍ୟଞ୍ଜନ ବର୍ଣ୍ଣ ରହିଛି ।

'କ' ବର୍ଗ – କ୍, ଖ୍, ଗ୍, ଘ୍, ଙ୍ (ଏଗୁଡ଼ିକ କଣ୍ଠ୍ୟ)
'ଚ' ବର୍ଗ – ଚ୍, ଛ୍, ଜ୍, ଝ୍, ଞ୍ (ଏଗୁଡ଼ିକ ତାଲବ୍ୟ)
'ଟ' ବର୍ଗ – ଟ୍, ଠ୍, ଡ୍, ଢ୍, ଣ୍ (ଏଗୁଡ଼ିକ ମୂର୍ଦ୍ଧନ୍ୟ)
'ତ' ବର୍ଗ – ତ, ଥ୍, ଦ, ଧ, ନ (ଏଗୁଡ଼ିକ ଦନ୍ତ୍ୟ)
'ପ' ବର୍ଗ – ପ, ଫ୍, ବ୍, ଭ, ମ୍ (ଏଗୁଡ଼ିକ ଓଷ୍ଠ୍ୟ)

- ସଂସ୍କୃତର ଡ, ଢ, ତାଡ଼ିତ ଧ୍ୱନି ଦୁଇଟି ଅବିକଳ ଭାବେ ଓଡ଼ିଆରେ ବ୍ୟବହାର ହେଉଛି ।
- ସଂସ୍କୃତରେ 'ଯ' ବର୍ଣ୍ଣର ଉଚ୍ଚାରଣ 'ୟ'; କିନ୍ତୁ ଓଡ଼ିଆରେ ଲିଖିତ ରୂପ 'ଯ' ବର୍ଗ 'ଜ' ପରି ଉଚ୍ଚାରିତ ହୋଇଥାଏ । ।

ଯଥା ଯମ (ୟମ)< ଜମ
ପେୟ> ପେଜ
ଏଠାରେ ଦେଖିବାର କଥା – ଅର୍ଥତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ 'ଯ'ର ଏକ ସ୍ୱତନ୍ତ୍ର ମୂଲ୍ୟ ରହିଛି। 'ଯ' ବଦଳି ବର୍ଗ୍ୟ 'ଜ' ହୋଇଗଲେ ଓଡ଼ିଆରେ ତା'ର ଅର୍ଥ ବଦଳିଯାଇଥାଏ ।

**ଯଥା–** ଯାତ (ଯାତ୍ରା ଅର୍ଥରେ)
ଜାତ (ଜନ୍ମିତ ଅର୍ଥରେ)

- ସଂସ୍କୃତରେ 'ଲ'ର ଉଚ୍ଚାରଣ ରହିଛି; କନ୍ତୁ ଓଡ଼ିଆରେ 'ଳ' ଓ 'ଲ' ସ୍ୱତନ୍ତ୍ର ଭାବେ ଉଚ୍ଚାରିତ । ଯଥା: ଫଲଂ < ଫଳ, ଜଲଂ > ଜଳ, କେତେକ ସ୍ଥଳରେ 'ଳ' ଓ 'ଲ'ର ସଂଯୋଜିତ ଶବ୍ଦର ବ୍ୟାବହାରିକ ଅର୍ଥବୋଧ ମଧ୍ୟ ବଦଳିଯାଏ । **ଯଥା:**

କାଳ – ସମୟ, ଯମ
କାଲ – କାଲା
ନାଳ – ଜଳ ପ୍ରବାହୀ ପ୍ରଣାଳୀ
ନାଲ – ଶଗଡ଼ ଚକରେ ଲାଗିଥିବା ଲୁହା

- ସଂସ୍କୃତ 'ଶ', 'ଷ', 'ସ' ତିନୋଟି ବର୍ଣ୍ଣର ଲିଖିତ ରୂପ ସ୍ୱତନ୍ତ୍ର ଥିଲେ ଉଚ୍ଚାରିତ ରୂପ ହେଉଛି 'ସ'। କିନ୍ତୁ ବ୍ୟବହାରିକ ଦୃଷ୍ଟିରୁ ବିଚାର କଲେ 'ଶ', 'ଷ'ର ଯଥେଷ୍ଟ ମୂଲ୍ୟ ରହିଛି । ଏଗୁଡ଼ିକ ବଦଳିଗଲେ ଅର୍ଥ ମଧ୍ୟ ବଦଳିଯାଏ ।


© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ବିଷ – ଜହର    ଶର – ତୀର
ବିସ – ପଦ୍ମନାଡ଼    ସର – ସରୋବର, ଦୁଧ ଉପରେ ଚର୍ବି ଇତ୍ୟାଦି

- ସଂସ୍କୃରେ ବ୍ୟବହାର ହେଉଥିବା 'ଠ' ଅନୁସାରେ 'ଃ' ବିସର୍ଗ ଓଡ଼ିଆରେ ମଧ ବ୍ୟବହୃତ ହେଉଛି।

**ଓଡ଼ିଆ ଭାଷାରେ ସଂସ୍କୃତ ସ୍ୱରଧ୍ୱନିର ବିବର୍ତ୍ତନ –**
ସଂସ୍କୃତର ଅନେକ ସ୍ୱରଧ୍ୱନି ଓଡ଼ିଆ ଭାଷାରେ ଅପରିବର୍ତ୍ତିତ ରହିଛି ଓ କେତେକ ପରିବର୍ତ୍ତିତ ମଧ ହୋଇଯାଇଛି । ନିମ୍ନଲିଖିତ ସ୍ୱରଧ୍ୱନିଗୁଡ଼ିକ ଓଡ଼ିଆ ଭାଷାରେ ଅପରିବର୍ତ୍ତିତ ରହିଛି ।
ଯଥା – ଅଙ୍ଗନ - ଅଗଣା    ଓ – ଓଷ୍ଠ – ଓଠ
ଖର୍ପର – ଖପର    ଘୋଟକ - ଘୋଡ଼ା
ନିମ୍ନଲିଖିତ କ୍ଷେତ୍ରରେ ସଂସ୍କୃତ ସ୍ୱରଧ୍ୱନିଗୁଡ଼ିକ ଓଡ଼ିଆରେ ବିଭିନ୍ନ ପ୍ରକାରରେ ପରିବର୍ତ୍ତିତ ହୋଇଯାଇଛି । ଯଥା-

ଅ>ଆ – ଅଙ୍କୁଶ – ଆଙ୍କୁଶ
ଅ>ଇ – କଚ୍ଛପ – କଇଁଚ
ଅ>ଉ – ମାର୍ଗଶିକ – ମଗୁଶିର

ଶବ୍ଦତତ୍ତ୍ୱ ଦୃଷ୍ଟିରୁ ଆଲୋଚନା କଲେ ସଂସ୍କୃତ ଭାଷାର ଶବ୍ଦ ଅବିକଳ ରୂପେଓଡ଼ିଆ ଭାଷାରେ 'ତତ୍ସମ' ରୂପ ଭାବରେ ବ୍ୟବହୃତ । ପୁଣି କେତେକ ତତ୍ସମ ଶବ୍ଦଟି କାଳକ୍ରମେ ପରିବର୍ତ୍ତିତ ହୋଇ ଓଡ଼ିଆ ଭାଷାରେ 'ତଦ୍ଭବ' ଶବ୍ଦ ରୂପେ ବ୍ୟବହୃତ ହୋଇଥାଏ ।
ଉଦାହରଣ ସ୍ୱରୂପ -    ଆର୍ଦ୍ରକ – ଅଦା, ନକୁଳ>ନେଉଳ, ଧର୍ମ>ଧାମ ଇତ୍ୟାଦି ।
ସେହିପରି ସଂସ୍କୃତ ଭାଷାରୁ ଆହରିତ ହୋଇ ଅପରିବର୍ତ୍ତିତ ରୂପରେ ଓଡ଼ିଆରେ ବ୍ୟବହୃତ ହେଉଥିବା କେତେକ ଶବ୍ଦର ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରଗଲା । ଅଗ୍ନି, ଅନନ୍ତ, ଅରଣ୍ୟ, ଆଦର୍ଶ, ଆଶ୍ଚର୍ଯ୍ୟ, କଳସ ପ୍ରଭୃତି ।

**ରୂପତତ୍ତ୍ୱ ଦୃଷ୍ଟିରୁ ସଂସ୍କୃତ ଭାଷା ସହିତ ଓଡ଼ିଆ ଭାଷାର ସଂପର୍କ**
ରୂପତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ସଂସ୍କୃତ ଭାଷାର ବ୍ୟାକରଣିକ ବିଧି ସବୁ କେତେକ କ୍ଷେତ୍ରରେ ବ୍ୟବହାର ହୋଇଥିବା, କେତେକ କ୍ଷେତ୍ରରେ ପରିବର୍ତ୍ତିତ ରୂପ ଗ୍ରହଣ କରି ବ୍ୟବହାର ହୋଇଛି । ଭାଷା ବିଜ୍ଞାନରେ 'ପଦ'ର ପ୍ରତିଶବ୍ଦ ହେଉଛି 'ରୂପ', ସଂସ୍କୃତରେ ଶବ୍ଦର ମୂଳରୂପକୁ କୁହାଯାଏ ପ୍ରକୃତି ବା ପ୍ରାତିପାଦିକ ଓ ସମ୍ବନ୍ଧତତ୍ତ୍ୱ ପାଇଁ ଯୋଗ କରାଯାଇଥିବା ତତ୍ତ୍ୱଙ୍କୁ କୁହାଯାଏ ପ୍ରତ୍ୟୟ । ପ୍ରମାଣିତ ହୁଏ ଯେ, ପ୍ରକୃତି + ସମ୍ବନ୍ଧ (ପ୍ରତ୍ୟୟ) ମିଳନରେ 'ପଦ' ସୃଷ୍ଟି ହୋଇଥାଏ । ଏହି ଧାରାରେ ଓଡ଼ିଆ ଭାଷାରେ ସଂସ୍କୃତାନୁସାରୀ କୃଦନ୍ତ ପ୍ରତ୍ୟେୟର ବ୍ୟବହାର ହେଉଥିବାର ଦେଖାଯାଏ ।

**ଯଥା –** କୃଦନ୍ତ ପ୍ରତ୍ୟୟ
**(କ) ଅବିକଳ ସଂସ୍କୃତ ପ୍ରତ୍ୟୟର ବ୍ୟବହାର:** ଓଡ଼ିଆ ତତ୍ସମ କୃଦନ୍ତ ପଦମାନଙ୍କରେ ନିମ୍ନଲିଖିତ ସଂସ୍କୃତ ପ୍ରତ୍ୟୟ ଅବିକଳ ପରିଦୃଷ୍ଟ ହୋଇଥାଏ ।
ଯଥା – ଅକ୍ର, ଅଚ୍ (ଅ), ଅଣ (ଅ), ଅନଟ୍ (ଅନ୍)

**(ଖ) ସଂସ୍କୃତ ପ୍ରତ୍ୟୟର ରୂପାନ୍ତର–** ସଂସ୍କୃତ ପ୍ରତ୍ୟୟଗୁଡ଼ିକୁ ବନ୍ଧନୀ ମଧ୍ୟରେ ରଖାଯାଇଛି।

ଅଣ (ଅନ୍ ଟ), ଅନ୍ତ (ଶତୃ)
ଅନ୍ତା (ଶତୃ) ଅଣ୍ (ଅନଟ୍)

ସେହିପରି ଅର୍ଥତତ୍ତ୍ୱ ଦୃଷ୍ଟିରୁ ଓଡ଼ିଆ ଭାଷାରେ ଏପରି କେତେକ ତତ୍ସମ ଶବ୍ଦ ବ୍ୟବହୃତ ହେଉଛି। ଯାହାକି ଅଳ୍ପ ବହୁତେ ପରିବର୍ତ୍ତିତ ଅର୍ଥ ବହନ କରି ପ୍ରକାଶ ପାଉଛି । ଯଥା –

| ସଂସ୍କୃତ | ଅର୍ଥ | ଓଡ଼ିଆରେ ଅର୍ଥ |
|---|---|---|
| ଅଭ୍ୟନ୍ତର | ଭିତର | କପଟତା |
| ପରାମର୍ଶ | ଉପଦେଶ ସମାଲୋଚନା ବା ତିରସ୍କାର | |
| ରାଷ୍ଟ୍ର | ଦେଶ | ପ୍ରଚାର ବା ଖୋଲାଖୋଲି ପ୍ରଭୃତି |

ଏହିପରି ଭାବରେ ଧ୍ୱନିତତ୍ତ୍ୱ, ଶବ୍ଦତତ୍ତ୍ୱ, ରୂପତତ୍ତ୍ୱ ଓ ଅର୍ଥତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ସଂସ୍କୃତ ଭାଷା ସହିତ ଓଡ଼ିଆ ଭାଷାର ଐତିହାସିକ ଘନିଷ୍ଠ ସଂପର୍କ ରହିଛି । ସଂସ୍କୃତ ଭାଷା କେବଳ ଓଡ଼ିଆ ଭାଷାର ଜନନୀ ନୁହେଁ, ସମଗ୍ର ଆଧୁନିକ ଭାରତୀୟ ଆର୍ଯ୍ୟଭାଷାର ଜନନୀ... । ସଂସ୍କୃତ ଭାଷା ଏକ ପୁରାତନ ବଳିଷ୍ଠ ଆର୍ଯ୍ୟଭାଷା ଆଧୁନିକ ଓଡ଼ିଆ ଭାଷା କାଳକ୍ରମେ ଦେଶୀୟ ଓ ବୈଦେଶିକ ପ୍ରଭାବ ଓ ଆହରଣ ଫଳରେ ପରିବର୍ତ୍ତିତ ଓ ବିକଶିତ ହୋଇଥିଲେ ମଧ ସଂସ୍କୃତ, ପାଲି, ପ୍ରାକୃତ ଅପଭ୍ରଂଶ ଓ ଅବହଟଠ ସହିତ ଏହାର ସଂପର୍କ ଅବିଚ୍ଛେଦ୍ୟ । ଆମ ପୂର୍ବ ପୁରୁଷମାନଙ୍କ ସହିତ ଆମର ଯେଉଁ ସଂପର୍କ, ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ ଅବହଟଠ ସହିତ ଆମ ଓଡ଼ିଆ ଭାଷାର ଠିକ୍ ସେହି ସଂପର୍କ । ସଂସ୍କୃତ ଯଦି ଏକ ମୂଳ ବିଶାଳ ନଦୀ ହୁଏ, ପାଲି, ପ୍ରାକୃତ, ଅପଭ୍ରଂଶ, ଅବହଟଠ, ଓଡ଼ିଆ ତାହାର କ୍ରମଶଃ ନଦୀ, ଉପନଦୀ, ଶାଖାନଦୀ, ଉପ-ଶାଖାନଦୀ ଓ ପ୍ରଶାଖା ନଦୀ ଭାବେ ପରିଚିତ ।

**ସହାୟକ ଗ୍ରନ୍ଥସୂଚୀ**

1. ସାହୁ ବାସୁଦେବ। *ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ।* କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୮୨। (ପ୍ରଥମ ସଂସ୍କରଣ)।
2. ଧଳ ବିହାରୀ ଗୋଲକ। *ଭାଷାଶାସ୍ତ୍ର ପରିଚୟ।* ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା; ୧୯୭୬। (ପ୍ରଥମ ସଂସ୍କରଣ)।
3. ସାହୁ ବାସୁଦେବ। *ଭାଷା ବିଜ୍ଞାନର ରୂପରେଖା* ଫ୍ରେଣ୍ଡସ୍ ପବ୍ଲିଶର୍ସ; ୧୯୪୪।



**Creative Commons (CC) License**
This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.


**About the Author**




**ଡଃ. ସୁଚିତ୍ରା ମହାନ୍ତି** ଜଣେ ସୁପରିଚିତ ସାହିତ୍ୟିକା, କବି, ସମାଲୋଚିକା । ବକ୍ତା ଓ ଦକ୍ଷ ଶିକ୍ଷାବିତ୍ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଓ ଭାଷା ଆନ୍ଦୋଳନକୁ ନେଇ ତାଙ୍କର ଅନେକ ପ୍ରବନ୍ଧ ଓ ଆଲୋଚନାମାନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ। ସେ ବିଭିନ୍ନ ସମ୍ମାନରେ ମଧ ସମ୍ମାନିତା। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ସେ ସଦା ସର୍ବଦା ପ୍ରତିଶ୍ରୁତିବଦ୍ଧ।



© 2026 ଡଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/